# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 11 August – 2026

*********************************

## ମୁଖ୍ୟ ସମ୍ବାଦ

- ସଂସଦରେ ପାରିତ ହେଲା ଟ୍ରିବ୍ୟୁନାଲ ସଂସ୍କାର ବିଧେୟକ-୨୦୨୬

— ବିଲ୍‌ରେ ଆଧୁନିକ ଏବଂ ଜାତୀୟ ଟ୍ରିବ୍ୟୁନାଲ କମିଶନ ପ୍ରତିଷ୍ଠା ବ୍ୟବସ୍ଥା ନେଇ ବିଭାଗୀୟ ମନ୍ତ୍ରୀଙ୍କ ସୂଚନା

- ଘରେ ଘରେ ତ୍ରିରଙ୍ଗା' ପତାକା ଉଡାଇବାକୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ

- ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆସନ୍ତାକାଲି ଅନୁଷ୍ଠିତ ହେବ ରାଜ୍ୟ କ୍ୟାବିନେଟ୍ ବୈଠକ

- ପୁରୀ ଶ୍ରୀମନ୍ଦିରରେ ଚିତା ଲାଗି ଅମାବାସ୍ୟା ପାଇଁ ଆସନ୍ତାକାଲି ୫ ଘଣ୍ଟା ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ଆସନ୍ତାକାଲିସୁଦ୍ଧା ଲଘୁଚାପରେ ପରିଣତ ହେବା ସମ୍ଭାବନା

## ଆର୍‌ଏସ୍-ଟ୍ରିବ୍ୟୁନାଲ୍ ବିଲ୍

ଟ୍ରିବ୍ୟୁନାଲ୍ ସଂସ୍କାର ବିଲ୍ ୨୦୨୬ ଆଜି ରାଜ୍ୟସଭାର ଅନୁମୋଦନ ଲାଭ କରିଛି। ଆଇନ୍ ଓ ନ୍ୟାୟ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନରାମ ମେଘୱାଲ ବିଲ୍‌ଟିକୁ ଆଜି ଗୃହରେ ଆଗତ କରିଥିଲେ।  ଏଥିରେ ଟ୍ରିବ୍ୟୁନାଲ୍‌ରେ କାର୍ଯ୍ୟ ଦକ୍ଷତାକୁ ଅଧିକ ଉନ୍ନତ କରିବା ଏବଂ ଅଧ୍ୟକ୍ଷ ତଥା ଅନ୍ୟାନ୍ୟ ପଦପଦବୀରେ ନିଯୁକ୍ତି, ପ୍ରଶାସନିକ କାର୍ଯ୍ୟ ଆଦି ପ୍ରସଙ୍ଗରେ ସଂସ୍କାର ଲକ୍ଷ୍ୟ ନେଇ ବିଭିନ୍ନ ପ୍ରସ୍ତାବ ରହିଛି। ବିଲ୍‌ରେ ଏକ ଜାତୀୟ ଟ୍ରିବ୍ୟୁନାଲ୍ କମିଶନ୍ ପ୍ରତିଷ୍ଠା କରିବାର ମଧ୍ୟ ବ୍ୟବସ୍ଥା ଥିବା ଶ୍ରୀ ମେଘୱାଲ କହିଛନ୍ତି। ଦେଶରେ ଆଧୁନିକ ଏବଂ ସମାନ ଟ୍ରିବ୍ୟୁନାଲ୍ ଭିତ୍ତିଭୂମି ପ୍ରତିଷ୍ଠା କରିବା ଲକ୍ଷ୍ୟ ନେଇ ଏହି ବିଲ୍ ଆଗତ କରାଯାଇଛି। ସଂସ୍ଥାଗତ ସ୍ୱାଧୀନତା, ସ୍ୱଚ୍ଛତା ଏବଂ ଦକ୍ଷତାକୁ ସୁଦୃଢ଼ କରିବାରେ ଏଥିରେ ଥିବା ବ୍ୟବସ୍ଥା ଉପଯୋଗୀ ସାବ୍ୟସ୍ତ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। **- V/O -**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ୨୦୧୫ ମସିହାରେ ସରକାର ଟ୍ରିବ୍ୟୁନାଲ୍ ସଂସ୍କାର ନେଇ ପ୍ରକ୍ରିୟା ଆରମ୍ଭ କରିଥିଲେ । ୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ମନ୍ତ୍ରୀ ଶ୍ରୀ ମେଘୱାଲ କହିଛନ୍ତି। ଲୋକସଭାରେ ଏହି ବିଲ୍‌ଟି ପୂର୍ବରୁ ପାରିତ ହୋଇସାରିଛି।

## ହର୍ ଘର୍ ତିରଙ୍ଗା

ସ୍ୱାଧୀନତାର ଅମୃତକାଳରେ ପ୍ରତ୍ୟେକ ଭାରତୀୟଙ୍କ ମନରେ ଦେଶପ୍ରେମର ଭାବନାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ 'ହର୍ ଘର୍ ତିରଙ୍ଗା ଅଭିଯାନ' ଜାରି ରହିଛି। ଏହା କେବଳ ଘରେ ଘରେ ଜାତୀୟ ପତାକା ଉତ୍ତୋଳନର କାର୍ଯ୍ୟ ନୁହେଁ ବରଂ ଦେଶର ଐକ୍ୟ, ଅଖଣ୍ଡତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ନାଗରିକଙ୍କ ଅଙ୍ଗୀକାର ବନ୍ଧର ପ୍ରତୀକ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରତ୍ୟେକ ଘରେ ତିରଙ୍ଗା ଉଡାଇବାକୁ ଆହ୍ୱାନ ଦେବା ସହ ନାଗରିକଙ୍କୁ ଗର୍ବ ଓ ଉତ୍ସାହର ସହ ସ୍ୱାଧୀନତା ଦିବସ ପାଳନ କରିବାକୁ ଅନୁରୋଧ କରିଛନ୍ତି। ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ମାନ ଜଣାଇବା ସହ ଏକ ବିକଶିତ ଓ ସମୃଦ୍ଧ ଭାରତ ଗଠନ ପାଇଁ ସମସ୍ତଙ୍କୁ ସଂକଳ୍ପ ନେବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

**- V/O -**

ପ୍ରତି ବର୍ଷ ସ୍ୱାଧୀନତା ଦିବସକୁ ଦୃଷ୍ଟିରେ ରଖି ଏହି ଅଭିଯାନ ମାଧ୍ୟମରେ ଦେଶବାସୀଙ୍କୁ ନିଜର ଘର, କାର୍ଯ୍ୟାଳୟ ଏବଂ ବିଭିନ୍ନ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ ପାଇଁ ଆହ୍ୱାନ ଦିଆଯାଇଥାଏ। ଏହା ନୂତନ ପିଢ଼ିଙ୍କୁ ଜାତୀୟ ପତାକାର ଗୌରବ, ସ୍ୱାଧୀନତା ସଂଗ୍ରାମର ଇତିହାସ ଏବଂ ସାମ୍ବିଧାନିକ ମୂଲ୍ୟବୋଧ ସହ ଯୋଡ଼ିବାର ଏକ ସଫଳ ପ୍ରୟାସ।

ତ୍ରିରଙ୍ଗାର କମଳା ରଙ୍ଗ ସାହସ ଓ ତ୍ୟାଗର ବାର୍ତ୍ତା ଦେଇଥାଏ, ଧଳା ରଙ୍ଗ ସତ୍ୟ, ଶାନ୍ତି ଓ ସଦ୍‌ଭାବନାର ପ୍ରତୀକ ଏବଂ ସବୁଜ ରଙ୍ଗ ସମୃଦ୍ଧିର ବିକାଶ ଓ ପ୍ରକୃତି ସହ ଆମର ସମ୍ପର୍କକୁ ପ୍ରତିଫଳିତ କରିବା ସହ ଅଶୋକ ଚକ୍ର ନ୍ୟାୟ, ଗତିଶୀଳତା ଓ ନିରନ୍ତର ପ୍ରଗତିର ସନ୍ଦେଶ ବହନ କରିଥାଏ।

ଆସନ୍ତୁ ଏହି ସ୍ୱାଧୀନତା ଦିବସର ସମସ୍ତେ ହର୍ ଘର୍ ତ୍ରିରଙ୍ଗା ଅଭିଯାନରେ ସାମିଲ ହୋଇ ଘରେ ଘରେ ତ୍ରିରଙ୍ଗା ଉଡ଼ାଇବା ସହ ଦେଶପ୍ରେମ ଓ ଜାତୀୟ ଗୌରବର ବାର୍ତ୍ତାକୁ ସୁଦୃଢ଼ କରିବ।

## ହର ଘର ତିରଙ୍ଗା

**ନୟାଗଡ଼** ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଦୁର୍ଗାପ୍ରସାଦ ଖେଳପଡିଆ ପର୍ଯ୍ୟନ୍ତ 'ହର ଘର ତିରଙ୍ଗା' ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ୧୨୦ ମିଟର ଲମ୍ବର ଜାତୀୟ ପତାକା ଧରି ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ବିଭିନ୍ନ ବର୍ଗର ଲୋକେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

ରାଜ୍ୟ ସରକାରଙ୍କ ଜୀବିକା ମିଶନ ଏବଂ ଓରମାସ ସହଯୋଗରେ **ଭଦ୍ରକ** ଜିଲ୍ଲା ବନ୍ତ ବ୍ଲକ୍ ଅନ୍ତର୍ଗତ କାଦବରାଙ୍ଗଠାରେ ମହିଳା ମହାସଂଘ ପକ୍ଷରୁ ୨୦୯ ଜଣ ସ୍ଥାନୀୟ ମହିଳାଙ୍କୁ ନେଇ 'ହର ଘର ତିରଙ୍ଗା' ପାଇଁ ପତାକା ପ୍ରସ୍ତୁତ କରାଯାଉଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତବର୍ଷ ୨୫ ହଜାର ତ୍ରିରଙ୍ଗା ପତାକା ତିଆରି କରିବା ପାଇଁ ମହାସଂଘକୁ ପରାମର୍ଶ ଦିଆଯାଇଛି।

**ବୌଦ୍ଧ** ଜିଲ୍ଲା ପ୍ରଶାସନ ପକ୍ଷରୁ 'ହର ଘର ତିରଙ୍ଗା' ଅଭିଯାନରେ ନେତାଜୀ ଛକଠାରେ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ।

## ପ୍ରତାପ ରାଓ ଯାଧବ

ଦେଶରେ ମଧୁମେହ, ମୋଟାପଣ ଏବଂ ଅତ୍ୟଧିକ ମାନସିକ ଚାପ ବୃଦ୍ଧି ପାଇବାରେ ଲାଗିଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଧବ କହିଛନ୍ତି । ରାଜ୍ୟସଭାରେ ସାଂସଦ ଦିଲ୍ଲୀପ ରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଯାଧବ କହିଛନ୍ତି, ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ଏହି ସମସ୍ୟା ଅଧିକ ରହିଛି । ଭାରତୀୟ ଭେଷଜ ଗବେଷଣା ପରିଷଦ ଆଇସିଏମ୍ଆର ପକ୍ଷରୁ ଲଗାତାର ଅଧ୍ୟୟନ କରାଯାଇ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଥିବା ଶ୍ରୀ ଯାଧବ ସୂଚନା ଦେଇଛନ୍ତି ।

## ରାଷ୍ଟ୍ରପତି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ଗୁରୁବାର ଦିନ ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ୨୦୨୪-୨୫ ବର୍ଷ ପାଇଁ ୧୧୫ ଜଣ କଳାକାରଙ୍କୁ ସଂଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରଦାନ କରିବେ । କାର୍ଯ୍ୟକ୍ରମରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାଓ୍ୱତ ଓ ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ ରାଓ ଇନ୍ଦ୍ରଜିତ୍ ସିଂ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ବିଜେତାଙ୍କୁ ପୁରସ୍କାର ରାଶି ବାବଦ ୩ ଲକ୍ଷ ଟଙ୍କା, ଅଙ୍ଗବସ୍ତ୍ର ଓ ତାମ୍ରପତ୍ର ପ୍ରଦାନ କରାଯିବ ।

## ଖରିଫ୍ ଫସଲ

ଖରିଫ୍ ଫସଲ ଅଧୀନରେ ଚଳିତ ମାସ ୭ ତାରିଖ ସୁଦ୍ଧା ୯୬୭ ଲକ୍ଷ ହେକ୍ଟର ଜମିରେ ଚାଷ କରାଯାଇଥିବା ନେଇ କେନ୍ଦ୍ର କୃଷି ଏବଂ କୃଷକ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି । ୩୪୪ ଲକ୍ଷ ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ଧାନ ଚାଷ, ୧୮୦ ଲକ୍ଷ ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ତୈଳବୀଜ ଚାଷ

କରାଯାଇଛି। ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ୫୮ ଲକ୍ଷ ହେକ୍ଟରରୁ ଉର୍ଦ୍ଧ୍ୱ ଜମିରେ ଆଖୁ ଚାଷ କରାଯାଇଛି।

## କ୍ୟାବିନେଟ୍

ଭୁବନେଶ୍ୱର ଲୋକସେବା ଭବନଠାରେ ଆସନ୍ତାକାଲି ରାଜ୍ୟ କ୍ୟାବିନେଟ୍‌ର ବୈଠକ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଏହି ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରୀ ମିଳିବାର ସମ୍ଭାବନା ରହିଛି। ଏଥିରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିବେ ବୋଲି ଜଣାପଡିଛି।

## ଚିତାଲାଗି

ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ଶ୍ରାବଣ କୃଷ୍ଣ ଅମାବାସ୍ୟା ତିଥିରେ ଶ୍ରୀବିଗ୍ରହମାନଙ୍କର ଚିତାଲାଗି ନୀତି ଅନୁଷ୍ଠିତ ହେବ। ପ୍ରଥମ ଭୋଗମଣ୍ଡପ ନୀତି ଶେଷ ହେବା ପରେ ଅପରାହ୍ଣ ୨ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଖଣି ଉତ୍ତୋଳନ

ରାଜ୍ୟରେ ବେଆଇନ୍ ଖଣି ଉତ୍ତୋଳନ ଏବଂ ଖଣିଜ ସମ୍ପଦର ଅବୈଧ କାରବାର ବିରୋଧରେ ସରକାର କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି ବୋଲି ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି। ବିଭାଗ ପକ୍ଷରୁ ବେଆଇନ୍ ଖଣି

ଚିହ୍ନଟ କରାଯାଇ ଆଇନ୍ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉଥିବା ମନ୍ତ୍ରୀ ଶ୍ରୀ ଜେନା ସୂଚନା ଦେଇଛନ୍ତି।

## ସ୍ୱାଧୀନତା ଦିବସ ପ୍ରସ୍ତୁତି

ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ଭୁବନେଶ୍ୱର ଗାନ୍ଧୀମାର୍ଗରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପାଳନସ୍ଥଳରେ ଡ୍ରୋନ୍ ନିରୋଧୀ ବ୍ୟବସ୍ଥା ଏବଂ ଆତଙ୍କବାଦ ନିରୋଧି ବାହିନୀ ମୁତୟନ ହେବେ ବୋଲି ଜଣାପଡିଛି। ଆସନ୍ତା ଗୁରୁବାର ଦିନ ଗାନ୍ଧୀମାର୍ଗରେ ଫୁଲ୍ ଡ୍ରେସ୍ ରିହରସାଲ ଅନୁଷ୍ଠିତ ହେବାକୁ ଥିବାବେଳେ ଚଳିତବର୍ଷ ପରେଡ୍‌ରେ ୫୧ଟି ଦଳ ସାମିଲ ହେବେ। ପୁଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିୟା ପରେଡ୍ ପ୍ରସ୍ତୁତିର ସମୀକ୍ଷା କରିବେ ବୋଲି ଜଣାପଡିଛି।

## ସୂର୍ଯ୍ୟବଂଶୀ ସୂରଜ

ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅହମ୍ମଦାବାଦସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ-ଆଇଆଇଏମ୍ ପରିଦର୍ଶନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ସୂରଜ ଅନୁଷ୍ଠାନର ନିର୍ଦ୍ଦେଶକଙ୍କ ସମେତ, ବରିଷ୍ଠ ଅଧ୍ୟାପକ, ଯୁବପ୍ରତିଭା ଏବଂ ଷ୍ଟାର୍ଟଅପ୍ ଉଦ୍ୟୋଗୀମାନଙ୍କ ସହ ରାଜ୍ୟର ବିକାଶ ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋଚନା କରିଛନ୍ତି।

## ଏସ୍‌ଆଇଆର

**ଗଞ୍ଜାମ** ଜିଲ୍ଲା ଛତ୍ରପୁରସ୍ଥିତ ସଦ୍‌ଭାବନ ସମ୍ମିଳନୀ କକ୍ଷରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ-ଏସ୍‌ଆଇଆର ୨୦୨୬ର ସଂଶୋଧିତ

କାର୍ଯ୍ୟସୂଚୀ ସଂକ୍ରାନ୍ତରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏସ୍ଆଇଆର ପ୍ରକ୍ରିୟାରେ ଦାବି ଓ ଆପତ୍ତି ଗ୍ରହଣ ସହ ଏହାର ସମାଧାନ ସଂପର୍କରେ ସମୀକ୍ଷା କରାଯାଇଥିଲା।

## ଯୌତୁକପ୍ରଥା ନିଷେଧ

**ମାଲକାନଗିରି** ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଯୌତୁକ ପ୍ରଥା ନିଷେଧ ଆଇନ୍ ସଂକ୍ରାନ୍ତରେ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଯୌତୁକ ପ୍ରଥାର ନିରାକରଣ, ମହିଳାଙ୍କ ଅଧିକାର ଏବଂ ସୁରକ୍ଷା ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଛି।

## ଲକ୍ଷପତି ଦିଦି

**ଗଞ୍ଜାମ** ଜିଲ୍ଲା ଛତ୍ରପୁର ରିକାପଲ୍ଲୀସ୍ଥିତ କଲ୍ୟାଣମଣ୍ଡପଠାରେ ତିନିଦିନିଆ ବ୍ଲକ୍ସ୍ତରୀୟ ଲକ୍ଷ୍ୟପତି ଦିଦି କର୍ମଶାଳା ଓ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ ମହିଳାମାନଙ୍କୁ ଦକ୍ଷତା ଏବଂ ଉଦ୍ୟମିତାର ସୁଯୋଗ ଦେଇ ଆତ୍ମନିର୍ଭର କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ଆଖପାଖ ଅଞ୍ଚଳରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଆସନ୍ତାକାଲିସୁଦ୍ଧା ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି। ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତା

୨୪ଘଣ୍ଟା ମଧ୍ୟରେ ରାଜ୍ୟର ପ୍ରାୟତଃ ସମସ୍ତ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି। ଏହି ସମୟ ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି।

ହୀରାକୁଦ ଜଳଭଣ୍ଡାରରେ ଆଜି ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୧୩ ଦଶମିକ ୮/୫ ଫୁଟ ରହିଛି। ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୨ ଲକ୍ଷ ୧୩୦ ହଜାର ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୧୨ଟି ଗେଟ୍ ଏବଂ ପାୱାର ଚ୍ୟାନେଲ ମଧ୍ୟ ଦେଇ ସେହି ସମୟ ମଧ୍ୟରେ ୨ଲକ୍ଷ ୧୬ହଜାର ୧୭୯ ଘନଫୁଟ ଜଳ ନିଷ୍କାସିତ ହେଉଛି।